## ସଂକ୍ଷେପରେ

### କୁଡ଼ିଆ ଘରୁ ଯୁବକଙ୍କ ମୃତଦେହ ଜବତ, ହତ୍ୟା ସନ୍ଦେହ

ଝରିଗାଁ,୧୯।୩(ସ୍ୱ.ପ୍ର.)-ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ବେଲଗାଁ ପଞ୍ଚାୟତ ଅନ୍ତର୍ଗତ କରମରି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ନିକଟ ଏକ ମାଟି କୁଡିଆ ଘରୁ ପୋଲିସ ରବିବାର ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ଯୁବକ ଜଣକ ଉମରକୋଟ ବ୍ଲକ ତରେଙ୍ଗା ଗ୍ରାମର ରତନ ମାଝୀ(୩୪) ବୋଲି ଜଣାପଡିଛି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଅନୁମାନ କରାଯାଉଛି। ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରି ଆଣିଥିବା ଟଙ୍କାର ଭାଗବଣ୍ଟାକୁ ନେଇ ରତନଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। କରମରୀ ଗ୍ରାମର ଜମିର ଲୋହରାଙ୍କ ମାଟି ଘରେ ରବିବାର ସକାଳେ ଜଣେ ଯୁବକଙ୍କ ମୃତଦେହ ପଡିଥିବା ସାମାଜିକ ଗଣମାଧ୍ୟମରୁ ଜଣାପଡିଥିଲା। ମୃତକ ତରେଙ୍ଗା ଗ୍ରାମର ରତନ ବୋଲି ଜଣାପଡିବା ପରେ ପରିବାର ଲୋକେ ସେଠାରେ ପହଞ୍ଚିଥିଲେ। ଏହା ହତ୍ୟାକାଣ୍ଡ ବୋଲି ଝରିଗାଁ ଥାନାରେ ରତନଙ୍କ ଭାଇ ଲଛମନ ମାଝୀ ଲିଖିତ ଭାବେ ଜଣାଇଥିଲେ। ଝରିଗାଁ ଥାନା ଅଧିକାରୀ ତପନ କୁମାର ପତି, ଏସଆଇ ପ୍ରମୋଦ କୁମାର ଖଣ୍ଡୁଆଲ, ଏଏସଆଇ ଅଶୋକ କୁମାର ପାଳ, ମହେଶ୍ୱର ପଟ୍ଟନାୟକ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମର ସହାୟତା ନେଇ ଛାନଭିନ କରିଛନ୍ତି। ରତନଙ୍କ ପରିବାର ଲୋକ କହିବା ପ୍ରକାରେ ୪ମାସ ତଳେ କଲେଗାଁ ଗ୍ରାମର ଏକ ଦମ୍ପତି ଏବଂ ରତନ ଦାଦନ ଶ୍ରମିକ କାମ କରିବା ପାଇଁ ବାଙ୍ଗାଲୋର ଯାଇଥିଲେ। ୮ ଦିନ ତଳେ ସମସ୍ତେ ରତନ ଘରକୁ ଫେରିଥିଲେ। ୩ ରହି ଦମ୍ପତି ତାଙ୍କ ଘରକୁ ଫେରି ଥିଲେ । ରତନ ଉକ୍ତ ଦମ୍ପତିଙ୍କ ଘରୁ କାମ ପଇସା ଆଣିବା ପାଇଁ ଯାଉଛି କହି ୫ଦିନ ତଳୁ ଯାଇଥିଲେ ମଧ ଫେରି ନ ଥିଲେ ବୋଲି ପରିବାର ଲୋକ କହିଛନ୍ତି। ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ସୋମବାର ବ୍ୟବଚ୍ଛେଦ ହେବ ଏବଂ ଅଧିକ ତଦନ୍ତ ପରେ ମୃତ୍ୟୁର ରହସ୍ୟ ଜଣାପଡିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

### ଦୁର୍ଘଟଣାରେ ବୃଦ୍ଧଙ୍କ ମୃତ୍ୟୁ

ଫୁଲବାଣୀ ଅଫିସ, ୧୯।୩: ଫୁଲବାଣୀ ସଦର ଥାନା ନିକଟ ବିଶିପଡ଼ା ଛକରେ ରବିବାର ଏକ ବାଇକ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ କେଣ୍ଡ୍ରିଗୁଡ଼ା ଗ୍ରାମର ଚନ୍ଦ୍ରମଣି ଦିଗାଲ(୭୦)। ଚନ୍ଦ୍ରମଣି ବିଶିପଡ଼ା ଛକକୁ ମାଂସ କିଣିବାକୁ ଆସୁଥିଲେ । ଫୁଲବାଣୀ ପଟୁ ଆସୁଥିବା ଏକ ବାଇକ ତାଙ୍କୁ ଧକ୍କା ଦେଇଥିଲା। ପୋଲିସ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ବାଇକ ଚାଳକ ଜଣକ ଗୁରୁତର ଅବସ୍ଥାରେ ଚିକିତ୍ସିତ ଅଛନ୍ତି।

### ହତ୍ୟା ଉଦ୍ୟମ ମାମଲା, ଅଭିଯୁକ୍ତ ଗିରଫ

ଆସିକା,୧୯।୩ (ଡି.ଏନ.ଏ.): ଗାଙ୍ଗପୁର ଥାନା ଡି. ସିର୍ଙ୍ଗପୁର ଗ୍ରାମରେ ସେହି ଗ୍ରାମର ଡାକ ବିଷୋୟୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ରବିବାର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ସେହି ଗ୍ରାମର ଦିଲୀପ ସେଠୀ (୨୭)। ତେବେ ଏହି ମାମଲାରେ ଅଭିଯୁକ୍ତ ଅନ୍ୟ ଜଣେ ଅଭିଯୁକ୍ତ ଦିଲୀପଙ୍କ ଭାଇ ଫେରାର ଥିଲା ବେଳେ ଅଭିଯୁକ୍ତଙ୍କୁ ଗିରଫ ଲାଗି ପୋଲିସ ଉଦ୍ୟମ ଜାରି ରହିଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି। ଘଟଣାରୁ ପ୍ରକାଶ, ଗତ ଶିବରାତ୍ରୀରେ ଗ୍ରାମ ମନ୍ଦିରରେ ପ୍ରସାଦ ବଣ୍ଟନକୁ କେନ୍ଦ୍ରକରି ଡାକ ବିଷୋୟିଙ୍କ ସହ ଅଭିଯୁକ୍ତଙ୍କ ଉଚ୍ଚବାଚ ହୋଇଥିଲା। ଘଟଣା ପର ଦିନ ଡାକଙ୍କୁ ଅଭିଯୁକ୍ତମାନେ ଏକ ନିର୍ଜନ ରାସ୍ତାରେ ପଥର ଛେଚି ମରଣାନ୍ତକ ଆକ୍ରମଣ କରିଥିଲେ । ଘଟଣା ସମ୍ପର୍କରେ ଆହତ ଡାକଙ୍କ ପକ୍ଷରୁ ଗାଙ୍ଗପୁର ପୋଲିସରେ ଅଭିଯୋଗ ପରେ ପୋଲିସ ପକ୍ଷରୁ ଏହି ଅଭିଯୋଗକୁ ଭିତ୍ତି କରି ନଂ.୧୧୪/୨୩ରେ ଏକ ମାମଲା ରୁଜୁ କରାଯାଇଥିଲା।

### ୮.୧୭ କୁଇଣ୍ଟାଲ ଗଞ୍ଜେଇ ଜବତ; ୨ ଗିରଫ

ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୧୯।୩: ଫିରିଙ୍ଗିଆ ଏବଂ ଗୋଚ୍ଛାପଡ଼ା ଥାନା ପୋଲିସ ଭିନ୍ନ ସ୍ଥାନରେ ଚଢ଼ାଉ କରି ମୋଟ ୮ କୁଇଣ୍ଟାଲ ୧୭ କେଜି ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ଗୋଚ୍ଛାପଡ଼ା ପୋଲିସ ଡୁମ୍ବେରିଖେଟା ଗ୍ରାମର କାର୍ତ୍ତିକେଶ୍ୱର ଦିଗାଲଙ୍କ ଘରେ ଚଢ଼ାଉ ୭ କୁଇଣ୍ଟାଲ ୧୦ କେଜି ୫୦୦ ଗ୍ରାମ୍ ଗଞ୍ଜେଇ ଜବତ କରିବା ସହିତ ତାଙ୍କୁ ଗିରଫ କରିଥିଲା। ଫିରିଙ୍ଗିଆ ଥାନା ପୋଲିସ ମାଝିପଡ଼ା ଘାଟିରେ ଚଢ଼ାଉ କରି ଏକ କାରରୁ ୧ କୁଇଣ୍ଟାଲ ୬ କେଜି ୫୦୦ ଗ୍ରାମ୍ ଗଞ୍ଜେଇ ଜବତ କରିବା ସହିତ ତଳପଡ଼ାର ମଣିଆ ଦିଗାଲଙ୍କୁ ଗିରଫ କରିଛି।

# ଓଡ଼ିଆ ଭାଷାର ବିକାଶ ପାଇଁ ପଦକ୍ଷେପ ନିଆଯାଉନି

ରାୟଗଡା ଅଫିସ,୧୯।୩

ଏପ୍ରିଲ ୧ ତାରିଖରେ ଓଡ଼ିଶା ଦିବସ। ବ୍ଲକଠାରୁ ଆରମ୍ଭ କରି ଜିଲା ଓ ରାଜ୍ୟସ୍ତରରେ ଏହି ଦିବସ ପାଳନ କରାଯିବ। ଭାଷା ଭିତ୍ତିରେ ପ୍ରଥମ ରାଜ୍ୟ ଗଠନ ଏବଂ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନକୁ ଇତିମଧ୍ୟରେ ୮ଦଶନ୍ଧିରୁ ଊର୍ଦ୍ଧ୍ୱ ବିତିଥିଲେ ମଧ ନାମକୁ ମାତ୍ର ପାଳନ ହେଉଛି ଓଡ଼ିଶା ଦିବସ। ଭାଷାର ବିକାଶ ପାଇଁ ପଦକ୍ଷେପ ନିଆଯାଉନି। ଏପରିକି ଓଡିଆରେ ଭୁଲ ଲେଖାଥିଲେ ବି ତାହାକୁ ସଂଶୋଧନ କରିବାକୁ ତତ୍ପରତା ପ୍ରକାଶ ପାଉ ନ ଥିବା ଦେଖିବାକୁ ମିଳୁଛି। ଏହାର ଏକ ଜ୍ୱଳନ୍ତ ଉଦାହରଣ ରାୟଗଡ଼ା ଜିଲାର ଏକ ସରକାରୀ କାର୍ଯ୍ୟାଳୟରେ ଦେଖିବାକୁ ମିଳୁଛି। ଜିଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା କାର୍ଯାଳୟ ପ୍ରବେଶ ପଥରେ ସମନ୍ୱିତ ବଦଳରେ 'ସମନ୍ନିତ' ଲେଖା ଯାଇଛି।

ଓଡ଼ିଆ ଭାଷାକୁ ଆଗକୁ ନେବା ପାଇଁ ରାଜ୍ୟ ସରକାର ଅନେକ ଯୋଜନା ଓ ନିୟମ ପ୍ରଣୟନ କରୁଛନ୍ତି। ରାଜ୍ୟ ସରକାର ଓଡ଼ିଆ ଭାଷାର ଉନ୍ନତି ପାଇଁ ବିଶ୍ୱ ବିଦ୍ୟାଳୟ ସ୍ଥାପନ କରିବାକୁ ଯାଉଛନ୍ତି । ଡିସେମ୍ବର ଶେଷ ସୁଦ୍ଧା ବିଶ୍ୱ ବିଦ୍ୟାଳୟ କାର୍ଯାକ୍ଷମ ହେବ ବୋଲି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ। ଦେଶର ଷଷ୍ଠ ତମ ଶାସ୍ତ୍ରୀୟ ଭାଷା ମାନ୍ୟତା ପାଇଥିବା ଓଡ଼ିଆ ଭାଷାର ବିକାଶ ତଥା ସମୃଦ୍ଧି ଉଦେଶ୍ୟରେ ଏହି ବିଶ୍ୱ ବିଦ୍ୟାଳୟ ସ୍ଥାପନ ହେଉଛି। ଏପଟେ କିନ୍ତୁ ଆନ୍ଧ୍ର-ଓଡିଶା ସୀମାନ୍ତରେ ଥିବା ରାୟଗଡା ଜିଲାରେ ଓଡିଆ ଭାଷା ଓ ଲେଖାର ସ୍ଥିତି ଉଦବେଗଜନକ ରହିଛି। ଜିଲା ସଦର ମହକୁମା ଠାରେ ଅଧିକ ବ୍ୟତିକ୍ରମ ଦେଖିବାକୁ ମିଳୁଛି । ରାୟଗଡା ସହରରେ ଥିବା ସରକାରୀ ପ୍ରତିଷ୍ଠାନଠାରୁ ଆରମ୍ଭ କରି ବ୍ୟବସାୟିକ ପ୍ରତିଷ୍ଠାନର ନାମ ଫଳକଗୁଡିକରେ କ୍ୱଚିତ୍ ଓଡ଼ିଆ ଭାଷାରେ ଲେଖାଥିବା ଦେଖିବାକୁ ମିଳିଛି । କେତେକ ସରକାରୀ ଅଧିକାରୀଙ୍କ କାର୍ଯ୍ୟାଳୟ ଫଳକ ବି ଓଡ଼ିଆରେ ଲେଖା ଯାଉନାହିଁ । ଜିଲା ଶ୍ରମ ବିଭାଗ ପାଖରେ ପୂର୍ବରୁ ଯେଉଁମାନେ ପଞ୍ଜୀକରଣ କରିସାରିଛନ୍ତି ସେମାନଙ୍କ କ୍ଷେତ୍ରରେ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକରେ ଥିବା ନାମଫଳରେ ଓଡିଆରେ ଲେଖାଯାଉଥିବା ବେଳେ ବର୍ତ୍ତମାନ ସହରରେ ଗଢିଉଠୁଥିବା ଅନେକ ଆପାର୍ଟମେଣ୍ଟ, ରେଷ୍ଟୁରାଣ୍ଟ, ସୋ'ରୁମ୍,ହୋଟେଲ ଆଦିଗୁଡିକରେ ନାମଫଳକରେ ଓଡିଆ ଲେଖାନାହିଁ। ଯଦି ବି କାଁ ଭାଁ କେଉଁଠି ଲେଖାହୋଇଥାଏ ତାହା ଅତି କଦର୍ଯ୍ୟ ଭାବେ ଓଡିଆ ଶବ୍ଦ ଲେଖାଯାଇଥାଏ। ଅନେକ ଠାରେ ଓଡିଆ ବନାନ ଠାରୁ ଆରମ୍ଭ କରି ଅକ୍ଷରଗୁଡିକୁ ଭୁଲ ଲେଖାଯାଉଛି । ଏସବୁ ପ୍ରତି କାର୍ଯ୍ୟାନୁଷ୍ଠାନ ମଧ ଶୂନ । ଜିଲାପାଳଙ୍କ ଗାଡି ଠାରୁ ଆରମ୍ଭ କରି ଅତିରିକ୍ତ ଜିଲାପାଳ ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀଙ୍କ ଗାଡିରେ ଆଜି ବି ଇଂଲିଶରେ ବୋର୍ଡ ଲଗାଯାଇଛି। ଆନ୍ତଃରାଜ୍ୟ ବସରେ ମଧ ଓଡ଼ିଆରେ ଲେଖିବାର ନିୟମ ରହିଛି। ହେଲେ ତାହାକୁ କେହି ମାନୁନାହାନ୍ତି। ରାୟଗଡ ବୋଲି ସରକାରୀ ଭାବେ ଡିଆରଏ କାର୍ଯ୍ୟାଳୟରେ ଲେଖାଯାଉଛି, ଏପଟେ ରେଳ ଷ୍ଟେଶନରେ ରାୟଗଡା ଲେଖା ଯାଉଛି। ଭାଷାର ସୁରକ୍ଷା ପାଇଁ ସରକାରୀ ସ୍ତରରେ ଚେଷ୍ଟା ହେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ କହିଛନ୍ତି। ଆନ୍ଧ୍ର ସୀମାନ୍ତ ରାୟଗଡାରେ ତେଲୁଗୁ ଭାଷା ବହୁଳ ବ୍ୟବହାର ହେଉଥିବା ଦେଖିବାକୁ ମିଳୁଛି। ଜିଲାସ୍ତରୀୟ ଓଡିଶା ଦିବସ ପ୍ରସ୍ତୁତି ବୈଠକ ସମୟରେ ଅତିରିକ୍ତ ଜିଲାପାଳଙ୍କୁ ବୁଦ୍ଧିଜୀବୀମାନେ ଅବଗତ କରିଛନ୍ତି। ଓଡିଆ ଭାଷାକୁ ଲେଖିବା ଏବଂ ଭୁଲ ଲେଖୁଥିବା ଲୋକଙ୍କୁ ତାଗିଦ କରିବାର ଆବଶ୍ୟକ ରହିଛି। ନଚେତ ଆଗାମୀ ଦିନରେ ଏହି ଭାଷା ଲୋପ ପାଇବାର ସମ୍ଭାବନା ରହିଛି। ଏନେଇ ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ସୁଶାନ୍ତ ନାୟକ କହିଛନ୍ତି ଓଡ଼ିଆ ଭାଷାର ବ୍ୟବହାର କମି ଯାଉଛି। ସରକାରୀ ସ୍ତରରେ ସାଇନ ବୋର୍ଡ ଓଡ଼ିଆରେ ଲେଖା ଯାଉନାହିଁ । ଏହା ଦ୍ୱାରା ସାହିତ୍ୟ ପାଇଁ ଆଦର କମୁଛି। ତେଣୁ ସରକାରୀ ସ୍ତରରେ ଏବଂ ଜନ ସଚେତନତା ଆବଶ୍ୟକତା ରହିଛି। ସମସ୍ତଙ୍କ ମିଳିତ ଉଦ୍ୟମରେ ଓଡ଼ିଆ ଭାଷା ବଞ୍ଚିରହିବ ଓ ଏହାର ବିକାଶ ହେବ । ଓଡ଼ିଆ ଭାଷା ବିକାଶ ହେଲେ ଓଡିଶା ଦିବସର ଉଦେଶ୍ୟ ସାଧିତ ହେବ ବୋଲି ସେ କହିଛନ୍ତି।



ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା କାର୍ଯାଳୟ ପ୍ରବେଶ ପଥରେ ଭୁଲ ଲେଖାଯାଇଛି ।

**ରାୟଗଡ଼ାରେ ଓଡ଼ିଆ ଭୁଲ ଲେଖାଥିଲେ ବି ହେଉନି କାର୍ଯ୍ୟାନୁଷ୍ଠାନ**

# ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ବିଦାୟ ଉତ୍ସବ



ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗହଣରେ ବିଦାୟୀ ଛାତ୍ରୀଛାତ୍ରମାନେ ।

ମୁନିଗୁଡ଼ା,୧୯।୩(ଡି.ଏନ୍.ଏ.)

ମୁନିଗୁଡ଼ା ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ଲାଗି ରବିବାର ବିଦ୍ୟାଳୟ ପରିସରରେ ବିଦାୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ମାତୃପ୍ରସାଦ ଦାସଙ୍କ ସଭାପତିତ୍ୱ ଓ ସହକାରୀ ଶିକ୍ଷକ ହରେନ୍ଦ୍ର କୁମାର ଜେନାଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସମାଜିକ କର୍ମୀ ଗୌରଙ୍ଗ ଚରଣ ରାଉତ ମୁଖ୍ୟ ଅତିଥି, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଚିତ୍ତରଞ୍ଜନ ମିଶ୍ର ମୁଖ୍ୟବକ୍ତା, ଖବରଦାତା ଧନୁ କୁଶୁଲିଆ, ଲାଡି ଶଙ୍କର ରାଓ ଓ ସହକାରୀ ଶିକ୍ଷୟତ୍ରୀ ମମତା ମହାପାତ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀ ବିଦ୍ୟାଳୟରୁ ବିଦାୟ ନେଉଥିବାରୁ ସେମାନଙ୍କ ଲାଗି ଏହି କାର୍ଯକ୍ରମ ହେଉଥିବା ପ୍ରଧାନ ଶିକ୍ଷକ କହିଥିଲେ। ଶିକ୍ଷାକେନ୍ଦ୍ରରେ ୮ବର୍ଷର ସ୍ମୃତି, ଅନୁଭୂତି ଓ ଗୁରୁମା ଗୁରୁଜୀମାନଙ୍କ ସ୍ନେହ, ଆକଟକୁ ବିଦାୟୀ ବିଦ୍ୟାର୍ଥୀମାନେ ସେମାନଙ୍କ ବକ୍ତବ୍ୟରେ ମନେ ପକାଇଥିଲେ। ମୁଖ୍ୟ ଅତିଥି ରାଉତ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ଉପଦେଶ ଦେଇ ବିଦ୍ୟାଳୟର ସୁନାମ ବଜାୟ ରଖିବାକୁ କହିଥିଲେ। ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥିମାନେ ସେମାନଙ୍କୁ ଭଲ ପାଠପଢ଼ିବାକୁ କହିଥିଲେ। ଶେଷରେ ବିଦାୟୀ ବିଦ୍ୟାର୍ଥୀମାନଙ୍କୁ ବିଦ୍ୟାଳୟ ତରଫରୁ ଉପହାର ଦିଆଯାଇଥିଲା।

# କାଶୀପୁର ବ୍ଲକରେ ୫୦ ଏକର ଫସଲ ନଷ୍ଟ

ରାୟଗଡ଼ା,(ସ୍ୱ.ପ୍ର.)/ଟିକିରି (ଡି.ଏନ.ଏ.)୧୯।୩

ରାୟଗଡ଼ା ଜିଲାର ବିଭିନ୍ନ ସ୍ଥାନରେ ଶନିବାର ପ୍ରବଳ ବର୍ଷା ହୋଇଛି। କାଶୀପୁର ବ୍ଲକରେ ସର୍ବାଧିକ ବର୍ଷା ସହ କୁଆପଥର ମାଡ଼ ହୋଇଥିବାରୁ ଜିଲାର ଅନ୍ୟ ବ୍ଲକ ଅପେକ୍ଷା ଏଠାରେ ଅଧିକ ଫସଲ କ୍ଷୟକ୍ଷତି ହୋଇଛି। କାଶୀପୁର ତହସିଲଦାର ଶରତ ଶବରଙ୍କ ସୂଚନା ଅନୁଯାୟୀ, ଗୋରଖପୁର, ରେଙ୍ଗା ଓ କୁଚେଇପଦର ପଞ୍ଚାୟତରେ ଅଧିକ ଘର ଭାଙ୍ଗିବା ସହିତ ପରିବା ଚାଷ ମଧ କ୍ଷତିଗ୍ରସ୍ତ ହୋଇଛି। ବର୍ଷା ଓ କୁଆପଥର ମାଡ଼ରେ ୫୦ଏକରରୁ ଊର୍ଦ୍ଧ୍ୱ ଫସଲ ନଷ୍ଟ ହୋଇଛି। ଗୋରଖପୁର ପଞ୍ଚାୟତର ଲିମାଡୋର ଗ୍ରାମରେ କୋବି, ମକା, ଟମାଟୋ, ଭେଣ୍ଡି, ମଟରଚଣା, ସୂର୍ଯ୍ୟମୁଖୀ ଆଦି ଚାଷ ନଷ୍ଟ ହୋଇଥିବା ତହସିଲଦାର ଶବର କହିଛନ୍ତି । ବ୍ଲକରେ ପ୍ରାୟ ୪୩ ଘର ଭାଙ୍ଗିଥିବା ସୂଚନା ମିଳିଛି। ସମସ୍ତ ଅଞ୍ଚଳର ରାଜସ୍ୱ ନିରୀକ୍ଷକଙ୍କୁ ସେମାନଙ୍କ ସର୍କଲର ସ୍ଥିତି ଅନୁଧାନ କରି ରିପୋର୍ଟ ଦାଖଲ ପାଇଁ ତସହିଲଦାର ନିର୍ଦ୍ଦେଶ ଦେଇଛନ୍ତି ।


କ୍ଷତି ହୋଇଥିବା ଫସଲ ଅନୁଧାନ କରାଯାଉଛି।

# ଯୁବକଙ୍କୁ ଆକ୍ରମଣ କରି ଟଙ୍କା, ମୋବାଇଲ୍ ଲୁଟ

ବ୍ରହ୍ମପୁର ଅଫିସ,୧୯।୩:

ବ୍ରହ୍ମପୁର ବଡବଜାର ଥାନା ଅନ୍ତର୍ଗତ ଫାଷ୍ଟଗେଟ୍ ହନୁମାନ ମନ୍ଦିର ନିକଟରେ ଶ୍ରୀକାନ୍ତ ପଣ୍ଡା ନାମକ ଜଣେ ଯୁବକଙ୍କୁ ଗତ ୧୪ ତାରିଖ ରାତିରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏପରିକି ତାଙ୍କଠାରୁ ୫ହଜାର ଟଙ୍କା ଏବଂ ଏକ ମୋବାଇଲ୍ ଫୋନ ଲୁଟେରାମାନେ ଛଡ଼ାଇ ନେଇଥିଲେ। ସେ ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୮୧/୨୩ ରେ ଏକ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ କରୁଛି। ପ୍ରକାଶ ଯେ, ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଗୋଇଲୁଣ୍ଡି ଅଞ୍ଚଳର ଶ୍ରୀକାନ୍ତ ପଣ୍ଡା (୨୪) ଗତ ୧୪ତାରିଖ ରାତି ପ୍ରାୟ ୮ଟାରେ କୌଣସି କାମରେ ଫାଷ୍ଟଗେଟ ଦେଇ ଯାଉଥିଲେ। ୪ଜଣ ଯୁବକ ଫାଷ୍ଟଗେଟ୍ ହନୁମାନମନ୍ଦିର ପାଖ ମଶାଣି ପାଖରେ ତାଙ୍କୁ ଅଟକାଇଥିଲେ। ସେମାନେ ଗାଳିଗୁଲଜ କରିବା ସହ ଶ୍ରୀକାନ୍ତଙ୍କୁ ମାଡ ମାରିଥିଲେ। ଏପରକି ଏକ ଲୁହାଛଡ଼ରେ ତାଙ୍କୁ ମରଣାନ୍ତକ ଆକ୍ରମଣ ମଧ କରିଥିଲେ। ପରେ ଦୁର୍ବୃତ୍ତମାନେ ଶ୍ରୀକାନ୍ତଙ୍କ ପକେଟରେ ଥିବା ଟଙ୍କା ଓ ମୋବାଇଲ୍ ଝାମ୍ପି ସେଠାରୁ ଫେରାର ହୋଇଯାଇଥିଲେ।

# ଚଚରାଗୁଡା ଠାକୁରାଣୀଙ୍କ ଘଣ୍ଟ ଯାତ୍ରା ପ୍ରସ୍ତୁତି


ବୈଠକରେ ଘଣ୍ଟଯାତ୍ରା ଲାଗି ଆଲୋଚନା ଚାଲିଛି ।

ଡାବୁଗାଁ,୧୯।୩ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଚଚରାଗୁଡା ପଞ୍ଚାୟତ ଚଚରାଗୁଡ଼ାରେ ମା' ଠାକୁରାଣୀଙ୍କ ଘଣ୍ଟ ଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଘଣ୍ଟଯାତ୍ରା କମିଟିର ସଭାପତି ଧର୍ମାନନ୍ଦ ନାୟକ, ଉପସଭାପତି କର୍ଣ୍ଣ ଭତ୍ରା, ସମ୍ପାଦକ ନରସିଂ ମାଝୀ, କୋଷାଧକ୍ଷ କମଳ ଲୋଚନ କଲାର ପ୍ରମୁଖଙ୍କ ଉପସ୍ଥିତିରେ ଚଚରାଗୁଡା ପଞ୍ଚାୟତ ଅଧୀନରେ ଥିବା ପ୍ରତ୍ୟେକ ଗ୍ରାମରୁ ସଭ୍ୟ ରଖାଯାଇ ମା'ଙ୍କ ଘଣ୍ଟ ଯାତ୍ରା ଯେପରି ସୁରୁଖୁରୁରେ ସମ୍ପନ୍ନ ହେବ ସେ ନେଇ ଆଲୋଚନା ହୋଇଥିଲା । ଆସନ୍ତା ୨୭ ତାରିଖ ସକାଳ ୯ଟାରୁ ଯାତ୍ରା ଆରମ୍ଭ ହୋଇ ଏପ୍ରିଲ ୪ ତାରିଖରେ ଶେଷ ହେବା କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟେକ ରାତିରେ ବିଭିନ୍ନ ଗ୍ରାମର ଦେଶିଆ ନାଟ ପ୍ରଦର୍ଶନ ହେବ । କାର୍ଯ୍ୟକ୍ରମକୁ ଆକର୍ଷକ କରିବା ପାଇଁ ଯୁବଗୋଷ୍ଠୀଙ୍କ ମଧ୍ୟରୁ ପ୍ରଫୁଲ୍ଲ ମାଝୀ, ଶଙ୍କର ମାଝୀ, ତୋଫାନ ମାଝୀ, ପରମେଶ୍ୱର ପୁଝାରୀ, ଆଶାରାମ କୁମାର, ତନ୍ତ୍ରିପାଲ ପନକା, ରାମଶ୍ଚନ୍ଦ୍ର ନାୟକ, ତ୍ରିନାଥ ପାଣ୍ଡେ, ତ୍ରିନାଥ ଗୌଡ, ଡମୁନା ମାଝୀ ପ୍ରମୁଖ ବହୁ ଯୁବକ ଓ ଭଦ୍ରବ୍ୟକ୍ତିମାନେ ବୈଠକରେ ଉପସ୍ଥିତ ରହି ଆଲୋଚନା କରିଥିଲେ।

# ସରକାରୀ ସାହାଯ୍ୟ ଅପେକ୍ଷାରେ ଚାମର

ଉମରକୋଟ,୧୯।୩(ସ୍ୱ.ପ୍ର.)

ଉମରକୋଟ ବ୍ଲକ ବୁର୍ଜା ପଞ୍ଚାୟତ ଅଧୀନ ପୂଜାରିଗୁଡା ଗ୍ରାମର ଚାମର ଭତ୍ରା ସରକାରୀ ସହାୟତାକୁ ଅପେକ୍ଷା କରି ରହିଛନ୍ତି। ଚାମର (୬୩) କିଛି ବର୍ଷ ପୂର୍ବେ ଦୁଇ ପୁଅଙ୍କୁ ହରାଇଛନ୍ତି। ଏବେ ତାଙ୍କ ପରିବାରରେ ସ୍ତ୍ରୀ, ଦୁଇ ବୋହୂ, ୫ ନାତୁଣୀନାତି ଅଛନ୍ତି। ଚାମର ଦିନ ମଜୁର ଲାଗି ପରିବାର ୮ ପ୍ରାଣୀଙ୍କ ଭଲମନ୍ଦ ବୁଝୁଥିଲେ। ବର୍ଷେ ପୂର୍ବେ ଏକ ଦୁର୍ଘଟଣାରେ ସେ ଗୁରୁତର ହୋଇଥିଲେ। ସେବେଠାରୁ ତାଙ୍କ ଅଣ୍ଟାଠାରୁ ପାଦ ପର୍ଯ୍ୟନ୍ତ କିଛି କାମ କରୁନାହିଁ। ଘୋଷାରି ହୋଇ ଚଳପ୍ରଚଳ କରୁଛନ୍ତି। ସରକାରୀ ସାହାଯ୍ୟ ଭାବେ କେବଳ ଖାଦ୍ୟ ସୁରକ୍ଷା ଯୋଜନାରେ ଯାହା ଚାଉଳ ମିଳୁଛି। ଚାଉଳ ବ୍ୟତୀତ ଦୁଇ ବୋହୂଙ୍କ ଲାଗି ବିଧବା ଭତ୍ତା, ସ୍ତ୍ରୀ ନଚେତ ତାଙ୍କୁ ବାର୍ଦ୍ଧକ୍ୟ ଭତ୍ତା କି ବିକଳାଙ୍ଗ ଭତ୍ତା ଏପରିକି ତିନି ଚକିଆ ସାଇକେଲ କିଛି ବି ମିଳୁନାହିଁ। ପରିବାର ଭାଗ୍ୟରେ ଆବାସ କି ବିଜୁ ପକ୍କା ଘର ଖଣ୍ଡିଏ ମଧ ନାହିଁ। ବର୍ଷା ହେଲେ ଚାମରଙ୍କ ଘରୁ ପାଣି ଗଳୁଛି। ତେଣୁ ସେ ଘୋଷାରି ହେଉଥିଲେ ମଧ ପରିବାର କାମ କରିବାକୁ ଚେଷ୍ଟା କରୁଛନ୍ତି। ଚାମର ପିନ୍ଧିବାକୁ ଖଣ୍ଡେ ପାଉ ନ ଥିବାରୁ ଜରି ବସ୍ତାର ପ୍ୟାଣ୍ଟ ନିଜେ ତିଆରି କରି ପିନ୍ଧୁଛନ୍ତି। ସରକାରଙ୍କ ପକ୍ଷରୁ କୌଣସି ସାହାଯ୍ୟ ମିଳଲେ ଚାମରଙ୍କ କଷ୍ଟ ଦୂର ହେବ ବୋଲି ଗ୍ରାମବାସୀ କହିଛନ୍ତି। ଏ ନେଇ ଉମରକୋଟ ବିଡ଼ିଓ ଡା. ହିମାଞ୍ଚଳ ମାଝୀଙ୍କୁ ଯୋଗାଯୋଗ କରିବାରୁ ସୋମବାର ଅଧିକାରୀଙ୍କୁ ତାଙ୍କ ଘରକୁ ପଠେଇବେ। ଉକ୍ତ ପରିବାର କିପରି ସରକାରଙ୍କ ଯୋଜନାରେ ଅନ୍ତର୍ଭୁକ୍ତ ହେବେ ସେ ଦିଗରେ ଧ୍ୟାନ ଦେବେ ବୋଲି କହିଛନ୍ତି।


ଚାଲିପାରୁ ନ ଥିବା ଚାମର ଭତ୍ରା ।

# କୋରାପୁଟରେ ପୁରୁଣା ଗଛ ଉପୁଡିଲା

କୋରାପୁଟ,୧୯।୩(ସ୍ୱ.ପ୍ର.)

କୋରାପୁଟ ଜିଲାରେ ଝଡବର୍ଷା ପ୍ରଭାବରେ ୪ ଜଣ ବ୍ୟକ୍ତିଙ୍କ ଘର ଛପର ଉଡିଯାଇଛି। ସହରର ଥଇଥାନ ଓ ପୁର୍ନବସତି କାର୍ଯ୍ୟାଳୟ ପରିସରରେ ଥିବା ଏକ ବିରାଟ ପୁରୁଣା ଗଛ ଉପୁଡିଯାଇଛି। ଜିଲାର ଅନ୍ୟ ଅଞ୍ଚଳରେ ହୋଇଥିବା କ୍ଷୟକ୍ଷତିର ସବିଶେଷ ରିପୋର୍ଟ ଏଯାଏ ଜିଲା ପ୍ରଶାସନ ନିକଟରେ ପହଞ୍ଚି ନ ଥିବା ଜଣାପଡଛି।



# ସଡ଼କ ସୁରକ୍ଷା ନେଇ ସଚେତନତା ଶୋଭାଯାତ୍ରା

କୋରାପୁଟ,୧୯।୩(ସ୍ୱ.ପ୍ର.)

କୋରାପୁଟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟର ସଦସ୍ୟା ଥିବା ଛାତ୍ରୀମାନେ ସଡକ ସୁରକ୍ଷା ସଚେତନତା ବାର୍ତ୍ତା ନେଇ ଏକ ଶୋଭାଯାତ୍ରା କରିଛନ୍ତି। ରବିବାର ସେମାନେ ଓଡିଶା ପୋଲିସ ସହଯୋଗ ଏବଂ ଶିକ୍ଷୟିତ୍ରୀ ପି.ରାଜେଶ୍ୱରୀଙ୍କ ତତ୍ୱାବଧାନରେ ଶୋଭାଯାତ୍ରାରେ ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରି ସଚେତନତାର ବାର୍ତ୍ତା ବାଣ୍ଟିଛନ୍ତି। ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ପ୍ରସାଦ ରଥ ଓ ଅରୁଣ ସାହୁ ଛାତ୍ରୀମାନଙ୍କ ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ଓଡିଶା ପୋଲିସ ଏବଂ ବିଦ୍ୟାଳୟର ଏପରି ମିଳିତ ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଇଛି।



ବିଦ୍ୟାଳୟଠାରୁ ବାହାରିଥିବା ଛାତ୍ରୀମାନଙ୍କ ଶୋଭାଯାତ୍ରା।

# ଗଣ୍ଡ ସାଂସ୍କୃତିକ ସମାଜର ସାଧାରଣ ବୈଠକ


ବୈଠକରେ ଉପସ୍ଥିତ ଅତିଥି ଓ ସମାଜର କର୍ମକର୍ତ୍ତାମାନେ ।

ଉମରକୋଟ,୧୯।୩(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅନ୍ତର୍ଗତ ବେନରା ଓ ନେହୁରା ଗ୍ରାମ ପଞ୍ଚାୟତର ମିଳିତ ଆନୁକୁଲ୍ୟରେ ବେନୋରା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଏମପି ରମେଶ ଚନ୍ଦ୍ର ମାଝୀ , ସମ୍ମାନିତ ଅତିଥି ଭାବେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ, ଜିଲା ଗଣ୍ଡ ସାଂସ୍କୃତିକ ସମାଜ ସଭାପତି ପୁନିତରାମ ଗଣ୍ଡ, ଉମରକୋଟ ବ୍ଲକ ଅଧକ୍ଷା ସୁଶୀଳା ମାଝୀ, ସମାଜର ଉପଦେଷ୍ଟା ମଣିରାମ ଗଣ୍ଡ, ବ୍ଲକ ସଭାପତି ସନ୍ତୋଷ କୁମାର ମାଝୀ, ଉପଦେଷ୍ଟା ଦେବୀ ସିଂ ମାଝୀ, ବୀରସିଂ ମାଝୀ, ଦଶରଥ ଗଣ୍ଡ, ଝରିଗାଁ ବ୍ଲକ ସଭାପତି ସିମାଞ୍ଚଳ ପୂଜାରୀ, ସମ୍ପାଦକ ଚୈତନ୍ୟ ମାଝୀ ବେନରା , ସରପଞ୍ଚ ଲକିଧର ମାଝୀ, ନେହୁରା ସରପଞ୍ଚ ଊର୍ମିଳା ମାଝୀ, ରାଇଘର ବ୍ଲକର ଶୁକଦେବ ଗଣ୍ଡ ପ୍ରମୁଖ ଯୋଗ ଦେଇଥିଲେ। ବିଶେଷ କରି ଗଣ୍ଡ ସମାଜରେ ଥିବା କୁସଂସ୍କାର କିପରି ଦୂର ହେବ ସେ ନେଇ ବୈଠକରେ ଆଲୋଚନା ହେଇଥିଲା। ଏଥିସହ ଛାତ୍ରୀ ଛାତ୍ରମାନଙ୍କ ଶିକ୍ଷା, ସାସ୍ଥ୍ୟ ଇତ୍ୟାଦି ଉପରେ ମଧ ଆଲୋଚନା ହୋଇଥିଲା। ବିବାହ ସମୟରେ ଅଯଥା ଖର୍ଚ୍ଚ ବନ୍ଦ ଓ କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ପରେ ୧୦ ଦିନରେ ଦଶାହ ଓ ୧୧ ଦିନରେ ଭୋଜିଭାତ କରିବା ପାଇଁ ଜୋର ଦିଆଯାଇଥିଲା। ଏଥିସହ ବାଲ୍ୟ ବିବାହକୁ ବିବାହ ଓ ରକ୍ତ ସଂପର୍କ ବିବାହକୁ ବନ୍ଦ କରିବାକୁ ଗୁରୁତ୍ୱ ଦିଆଯାଇଥିଲା। ଗ୍ରାମବାସୀ ଗଣ୍ଡସମାଜର ଗୃହ ନିର୍ମାଣ ପାଇଁ ୧ ଏକର ଜମି ଦେଇଥିବା ବେଳେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ ଏହି ଗୃହ ନିର୍ମାଣ ପାଇଁ ୫ଲକ୍ଷ ଅନୁକମ୍ପା ରାଶି ପ୍ରଦାନ କରିଛନ୍ତି । ଶେଷରେ ଗଣ୍ଡ ସମାଜ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଆୟୋଜକ ସୁରୁଦାସ ଗଣ୍ଡ ପର୍ଶୁରାମ ମାଝୀ, ତୁଳାରାମ ମାଝୀ, ଦୟମନ ଗଣ୍ଡ, ପରମା ଗଣ୍ଡ, ଭଗତରାମ ଗଣ୍ଡ , ରଞ୍ଜିତ ଗଣ୍ଡ ଓ ସମସ୍ତ ସମାଜ ପ୍ରେମୀ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ନେହୁରା ଓ ବେନରାର ଗଣ୍ଡ ସମାଜ ଯୁବତୀ ଯୁବକମାନେ ସହଯୋଗ କରିଥିଲେ। ଶୁକଦେବ ଗଣ୍ଡ ଓ ତାଙ୍କ ଗ୍ରୁପ କରିଥିବା ଢେମସା ନୃତ୍ୟ ମନ୍ତ୍ରମୁଗ୍ଧ କରିଥିଲା।

# ୨ ବ୍ଲକରେ ୭ ପରିବାର ବେଘର

**ପଶ୍ଚିମାଝଡ ବର୍ଷା ପ୍ରଭାବ**

- ବର୍ଷା ପବନରେ ଉଡିଗଲା ଘର ଛପର
- ଆସବାବପତ୍ର ସହ ବର୍ଷଯାକର ସାଇତା ଖାଦ୍ୟଶସ୍ୟ ନଷ୍ଟ
- ସ୍ଥିତି ଅନୁଧ୍ୟାନ କଲେ ତହସିଲଦାର, ସରପଞ୍ଚ

ପଟ୍ଟାଙ୍ଗି/ଜୟପୁର, ୧୯।୩ (ଡି.ଏନ.ଏ./ ନି.ପ୍ର.)





ଝଡବର୍ଷାରେ ତଳଖରାଡାବା ଗ୍ରାମରେ କ୍ଷତଗ୍ରସ୍ତ ପରିବାରକୁ ପ୍ରଶାସନ ପକ୍ଷରୁ ସହାୟତା ପ୍ରଦାନ କରାଯାଉଛି।

ପଶ୍ଚିମା ଘୂର୍ଣ୍ଣିଝଡ଼ ପ୍ରଭାବ କୋରାପୁଟ ଜିଲାରେ ପରିଲିକ୍ଷିତ ହୋଇଛି। ଏଥିଯୋଗୁ ଗତ ୪ଦିନ ଧରି ପାଗ ମେଘୁଆ ରହି ବିଭିନ୍ନ ସ୍ଥାନରେ ପ୍ରବଳ ପବନ ଘଡ ଘଡି ସହ ବର୍ଷା ହୋଇଛି । ବର୍ଷା ଓ ପବନ ଯୋଗୁ ଜିଲାର ଅନେକ ସ୍ଥାନରେ ଘର ଭାଙ୍ଗିଛି । ପଟ୍ଟାଙ୍ଗି ବ୍ଲକ ସମେତ ବିଭିନ୍ନ ଗ୍ରାମରେ ଗତ ଦୁଇ ଦିନ ଧରି କୁଆପଥର ସହ ବର୍ଷା ହୋଇଥିଲା। ରବିବାର ବ୍ଲକର କେତେକ ସ୍ଥାନରେ ପ୍ରବଳ ବେଗରେ ପବନ ବୋହିଛି। କିଛି ସ୍ଥାନରେ ବର୍ଷା ମଧ୍ୟ ହୋଇଛି। ପବନ ଓ ବର୍ଷା ଯୋଗୁ ବ୍ଲକର ଚନ୍ଦକା ପଞ୍ଚାୟତ ତଳଖରାଡାବା ଗ୍ରାମରେ ୪ଟି ପରିବାରର ଘର ଛପର ସମ୍ପୂର୍ଣ୍ଣ ଉଡିଯାଇଛି। କ୍ଷତିଗ୍ରସ୍ତ ପରିବାର ହେଲେ ବିଶୁ ମାରି, ସାଙ୍ଗୁ ମାରି, ସମିର ମାରି ଏବଂ ସାନୁ ମାରି। ଘରର ଛପର ସମ୍ପୂର୍ଣ୍ଣ ଉଡିଯିବାରୁ ଘରେ ପାଣି ବର୍ଷାପାଣି ପଡି ସମସ୍ତ ଆସବାବପତ୍ର ଏବଂ ଗଚ୍ଛିତ ଧାନ,ମାଣ୍ଡିଆ ନଷ୍ଟ ହୋଇଥିବା ଜଣାପଡିଛି। ଏ ସମ୍ପର୍କରେ ଖବର ପାଇ ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆ, ଜିଲା ପରିଷଦ ସଭ୍ୟ ଲଇଚନ ଖରା, ସରପଞ୍ଚ ଦେବକୀ ଗଣ୍ଡ, ରାଜସ୍ୱ ନିରୀକ୍ଷକ ପ୍ରମୋଦ ବେହେରା, ପିଇଓ ଦାମଦୋର ଦିଶାରି ପ୍ରମୁଖ ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। କ୍ଷତିଗ୍ରସ୍ତ ପରିବାରଙ୍କୁ ୧୦ କିଲୋ ଲେଖାଏ ଚାଉଳ ଓ ପଲିଥିନ ପ୍ରଦାନ କରାଯାଇଛି। ଏହି କ୍ଷତିଗ୍ରସ୍ତ ପରିବାରଗୁଡିକୁ ସରକାରଙ୍କ ନିୟମାନୁଯାୟୀ ସହାୟତା ମିଳିବ ବୋଲି ତହସିଲଦାର ଧାରୁଆ କହିଛନ୍ତି। କ୍ଷତିଗ୍ରସ୍ତ ପରିବାରଙ୍କୁ ଗ୍ରାମବାସୀ ମଧ୍ୟ ସହଯୋଗ କରଛନ୍ତି। ସୂଚନାଯୋଗ୍ୟ ଶନିବାର ଦଶମନ୍ତପୁର ବ୍ଲକ ଡୁମ୍ବଗୁଡ଼ା ପଞ୍ଚାୟତ ହାତୀମୁଣ୍ଡା ଗ୍ରାମରେ ଝଡବର୍ଷାରେ ୮ ପରିବାରର ଘର ଆଜବେଷ୍ଟସ ଉଡିଯାଇ ସମ୍ପୃକ୍ତ ପରିବାରଗୁଡିକର ଘରେ ଗଚ୍ଛିତ ଥିବା ଚାଉଳ,ଧାନ ମାଣ୍ଡିଆ ଏବଂ ଅନ୍ୟ ସାମଗ୍ରୀ ନଷ୍ଟ ହୋଇଯାଇଛି।

ସେହିପରି ଜୟପର ବ୍ଲକ ଅନ୍ତର୍ଗତ କୁମୁଲିପୁଟ ପଞ୍ଚାୟତର ଦଣ୍ଡସେନାଗୁଡାରେ ଗଛ ପଡି ୩ଟି ଘର ଭାଙ୍ଗିଛି । ଶନିବାର ରାତିରେ ପ୍ରବଳ ବର୍ଷାପବନ ହେବାରୁ ପର୍ଶୁରାମ ତନ୍ତି, ଗଣେଷ ତନ୍ତି, ହରେକୃଷ୍ଣ ତନ୍ତିଙ୍କ ପରିବାର ଲୋକେ ଶୋଇଥିବା ବେଳେ ସେମାନଙ୍କ ଘର ଉପରେ ଗଛ ପଡିଯାଇଥିଲା। ତେବେ ସମ୍ପୃକ୍ତ ପରିବାର ସଦସ୍ୟମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। କାହାର କିଛି କ୍ଷତି ହୋଇନାହିଁ। ଏନେଇ ସୂଚନା ପାଇ ସମାଜିକ କର୍ମୀ ବି.ହରି ରାଓ ଅଗ୍ନିଶମ କର୍ମଚାରୀଙ୍କୁ ଖବର ଦେଇଥିଲେ। କର୍ମଚାରୀମାନେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିବା ଜଣାପଡିଛି।

## ଜିଲାରେ ୮୮୧ ମି.ମି. ବର୍ଷା, ଜୟପୁରରେ ସର୍ବାଧିକ ୧୪୮.୮ ମି.ମି.

କୋରାପୁଟ,୧୯।୩(ସ୍ୱ.ପ୍ର.)

କୋରାପୁଟ ଜିଲାରେ ରବିବାର ମୋଟ ୮୮୧ ମି.ମି. ବର୍ଷା ହୋଇଥିବା ଜଣାପଡିଛି। ଜିଲାର ଜୟପୁରରେ ସର୍ବାଧିକ ୧୪୮.୮ ମି.ମି. ବର୍ଷା ହୋଇଥିବା ଜିଲା ଜରୁରୀ ବିଭାଗ ପକ୍ଷରୁ ରେକର୍ଡ କରାଯାଇଛି। କୋରାପୁଟରେ ୧୨୨ ମି.ମି. ସେମିଳିଗୁଡା ବ୍ଲକରେ ୭୭, ବୈପାରିଗୁଡା ବ୍ଲକରେ ୭୫, ଦଶମନ୍ତପୁର ବ୍ଲକରେ ୬୨, ଲମତାପୁଟ ବ୍ଲକରେ ୫୭.୪, ଲକ୍ଷ୍ମୀପୁର ବ୍ଲକରେ ୫୭, କୋଟପାଡ ବ୍ଲକରେ ୪୯, ନନ୍ଦପୁର ବ୍ଲକରେ ୪୮, କୁନ୍ଦୁରା ବ୍ଲକରେ ୪୬, ପଟ୍ଟାଙ୍ଗି ବ୍ଲକରେ ୪୩, ବନ୍ଧୁଗାଁ ବ୍ଲକରେ ୩୬, ବୋରିଗୁମ୍ମା ବ୍ଲକରେ ୩୭.୨ ମି.ମି. ବର୍ଷା ହୋଇଥିବାବେଳେ ନାରାୟଣପାଟଣା ବ୍ଲକରେ ସର୍ବନିମ୍ନ ୨୩ ମି.ମି.ବର୍ଷା ହୋଇଛି ବୋଲି ଜିଲା ଜରୁରୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀକହିଛନ୍ତି।

## ଝଡବର୍ଷାରେ ୨ ଆହତ



ଏମ୍‌ଭି ୭୯,୧୯।୩(ଡି.ଏନ.ଏ.)

କାଲିମେଲା ବ୍ଲକ ମାନମକୋଣ୍ଡା ପଞ୍ଚାୟତ ଅନ୍ତର୍ଗତ ଏମପିଭି-୪୧ ଗ୍ରାମରେ ଝଡ ବର୍ଷାରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ଗ୍ରାମର କ୍ରିଷ୍ଣପଦ ମଣ୍ଡଳ ଙ୍କ ସ୍ତ୍ରୀ ସୁଶୀଳା (୪୫)। ଶନିବାର ରାତିରେ ପରିବାର ଲୋକେ ସମସ୍ତେ ଶୋଇଥିବା ବେଳେ ଝଡବର୍ଷାରେ ତାଙ୍କ ଘରର ଛପର ଉଡିଯାଇଥିଲା। ଏହି ସମୟରେ ଏକ କାଠ ସୁଶୀଳାଙ୍କ ମୁଣ୍ଡ ଉପରେ ପଡିଥିଲା। ଫଳରେ ତାଙ୍କ ମୁଣ୍ଡ ଫାଟିଯାଇ ଗଭୀର ଆଘାତ ଲାଗିଥିଲା। ତେବେ ଅନ୍ୟ ଏକ କୋଠରିରେ ଶୋଇଥିବା ତାଙ୍କ ପୁଅବୋହୁ ଏବଂ ନାତିଙ୍କ କିଛି କ୍ଷତି ହୋଇନାହିଁ। ସୁଶୀଳାଙ୍କୁ ରାତିରେ ପରିବାର ଲୋକେ କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ସେଠାରେ ଚିକିତ୍ସା ପରେ ସେ ସାମାନ୍ୟ ସୁସ୍ଥ ଥିବା ସ୍ୱାମୀ କ୍ରିଷ୍ଣପଦ କହିଛନ୍ତି । ସେହିପରି ଝଡବର୍ଷାରେ ଗ୍ରାମର ସୁଜନ ମଣ୍ଡକ (୪୦) ନାମକ ବ୍ୟକ୍ତି ଆହତ ହୋଇଥିବା ଜଣାପଡିଛି ।

## ବାଇକ୍ ଧକ୍କାରେ କୃଷ୍ଣସାର ମୃଗ ଆହତ

ବୁଗୁଡ଼ା,୧୯।୩(ଡି.ଏନ୍.ଏ.)

ବୁଗୁଡ଼ା ମୁଖ୍ୟ ସଡ଼କ ବାଙ୍କେଶ୍ୱରୀ ମନ୍ଦିର ନିକଟରେ ବାଇକ୍ ଧକ୍କାରେ ଏକ ଗର୍ଭବତୀ କୃଷ୍ଣସାର ମୃଗ ଆହତ ହୋଇଛି। ରବିବାର ଅପରାହ୍ନ ୨ଟାରେ ମୃଗଟି ରାସ୍ତା ପାର ହେଲାବେଳକୁ ହଠାତ୍ ଦ୍ରୁତଗତିରେ ଆସୁଥିବା ଏକ ବାଇକ୍ ସହ ଧକ୍କା ହୋଇ ରାସ୍ତାକଡ଼ ବିଲରେ ଛିଟିକି ପଡ଼ିଥିଲା। ଏହି ସମୟରେ ସେହି ରାସ୍ତାରେ ଯାଉଥିବା କେତେଜଣ ଯୁବକ ଆହତ ମୃଗଟିକୁ ଉଦ୍ଧାର କରି ବନ ବିଭାଗକୁ ଜଣାଇଥିଲେ।

**ସଂକ୍ଷେପରେ**

## ବାଇକ୍ ଦୁର୍ଘଟଣାରେ ୩ ଆହତ

ପଡିଆ, ୧୯।୩(ଡି.ଏନ.ଏ.)- ପଡିଆ ବ୍ଲକ କତାଗୁଡା ଗ୍ରାମ ନିକଟ ଘାଟିରେ ଏକ ବାଇକ୍ ଦୁର୍ଘଟଣା ଘଟି ୨ଜଣ ଗୁରୁତର ହୋଇଛନ୍ତି। ମାଟେରୁ ଗ୍ରାମର ଦୁଲା ବେଟି, ଦୁଲା ମାଡକାମି ଓ ଏରା କର୍ତ୍ତମି ବାଇକ୍ ଯୋଗେ ମାଟେରୁ ଯାଉଥିବା ବେଳେ କତାଗୁଡା ଗ୍ରାମ ଘାଟିରେ ଚକା ଖସିଯିବାରୁ ଭାରସାମ୍ୟ ହରାଇ ଏକ ପଥର ଉପରେ ଛିଟିକି ପଡିଥିଲେ। ଲୋକଙ୍କ ନିକଟରୁ ଖବର ପାଇ ଅଗ୍ନିଶମ ଅଧିକାରୀ ବୀରେନ୍ଦ୍ର ସିଂଙ୍କ ତତ୍ତ୍ୱାବଧାନରେ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ପଡିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।ଏବେ ସେମାନେ ସେଠାରେ ଚିକିତ୍ସାଧୀନ ଥିବା ଡାକ୍ତରଙ୍କ ସୂତ୍ରରୁ ଜଣାପଡିଛି।

## ଡ୍ରେନରେ ପଡ଼ି ବୃଦ୍ଧ ମୃତ

ଦଶମନ୍ତପୁର,୧୯।୩( ଡି.ଏନ.ଏ.)- କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତର ବଦଲିକୁଡୁମା ଗ୍ରାମରେ ଜଣେ ବୃଦ୍ଧ ଡ୍ରେନରେ ପଡିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ନକୁଳ ଗୌଡ (୬୦)। ଶନିବାର ନକୁଳ ନିକଟସ୍ଥ କେ. ଡଣ୍ଡାବାଡ ଗ୍ରାମକୁ କୌଣସି କାମରେ ଯାଇଥିଲେ। ସନ୍ଧ୍ୟାରେ ସେ ନିଜ ଘର ବଦଲିକୁଡୁମାକୁ ଫେରୁଥିଲେ। ଗ୍ରାମଠାରୁ ୧ କି.ମି. ଦୂରରେ ଥିବା ରାସ୍ତା ପାର୍ଶ୍ୱ ଡ୍ରେନରେ ଅନ୍ଧାରରେ ଜାଣି ନ ପାରି ପଡି ଯାଇଥିଲେ। ଫଳରେ ଡ୍ରେନ ପାଣିରେ ଅଣନିଃଶ୍ୱାସୀ ହୋଇ ନକୁଳଙ୍କର ସେହିଠାରେ ହିଁ ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ପରିବାର ଲୋକେ ଜାଣିବା ପରେ ତାଙ୍କ ବଡପୁଅ ମୋହନ ଏନେଇ ସ୍ଥାନୀୟ ଥାନାରେ ଜଣାଇଥିଲେ। ଥାନା ଅଧିକାରୀ ଚନ୍ଦ୍ରଭାନୁ ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ୍ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଡାକ୍ତରଖାନା ପଠାଇଥିଲେ। ପରେ ଏହା ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୁରାନ ଫାଣ୍ଡି ଅଧିକାରୀ ମନୁଆ ବିଡ଼ିକା ଘଟଣାର ତଦନ୍ତ କରୁଛନ୍ତି।

## ମାଥିଲିରେ ରକ୍ତଦାନ ଶିବିର

ମାଥିଲି,୧୯।୩(ଡି.ଏନ.ଏ.)-ସତ୍ୟସାଇ ସେବା ସଂଗଠନ ପକ୍ଷରୁ ମାଲକାନଗିରି ଜିଲା ସଭାପତି ଦୁର୍ଗା ପ୍ରସାଦ ମହାପାତ୍ର ନେତୃତ୍ୱରେ ମାଥିଲି ବ୍ଲକ ସଦର ମହକୁମା ସ୍ଥିତ ଉପଖଣ୍ଡ ଚିକିତ୍ସାଳୟ ପରିସରରେ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟା ସସ୍ମିତା ମାଝୀ ଯୋଗଦେଇଥିଲେ। ଅରୁଣନ୍ଧତୀ ବେହେରା ପ୍ରଥମେ ରକ୍ତଦାନ କରି ଶିବିରରେ ଅନ୍ୟମାନଙ୍କୁ ଉତ୍ସାହିତ କରିଥିଲେ। ଜିଲା ରକ୍ତ ଭଣ୍ଡାରର ଡାକ୍ତର ସାଗର ବାଲା, ଫାର୍ମାସିଷ୍ଟ ସୁଜନ ରାଏଙ୍କ ସହ କର୍ମଚାରୀମାନେ ରକ୍ତଦାତାଙ୍କଠାରୁ ରକ୍ତସଂଗ୍ରହ କରିଥିଲେ। ସେବା ଦଳ ସଂଯୋଜକ ପ୍ରଶାନ୍ତ ସାହୁ ଶିବିର ପରିଚାଳନା କରିଥିଲେ।

## ଅଗ୍ନିସେବା କେନ୍ଦ୍ର ପଛ ପଟୁ ମୃତଦେହ ଜବତ

ଦାମନଯୋଡି,୧୯।୩(ଡି.ଏନ.ଏ.)- ନାଲ୍‌କୋ ବିଶୋଧନାଗାର ଅଗ୍ନିସେବା କେନ୍ଦ୍ର ପଛ ପଟୁ ରବିବାର ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀ (ସିଆଇଏସ୍‌ଏଫ୍)ର ଭିଜିଲାନ୍ସ ବିଭାଗ ଏସମ୍ପର୍କରେ ସୂଚନା ପାଇ ଏନେଇ ପୋଲିସକୁ ଜଣାଇଥିଲେ। ଦାମନଯୋଡି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋରାପୁଟ ପଠାଇ ଘଟଣାର ତଦନ୍ତ ଜାରି ରଖିଛି। ତାଙ୍କ ପରିଚୟ ମିଳି ନ ଥିବାରୁ ମୃତଦେହକୁ ତିନି ଦିନ ପର୍ଯ୍ୟନ୍ତ ରଖାଯିବ ବୋଲି ପୋଲିସ କହିଛି।

## ସିଆଇଏସ୍‌ଏଫ୍ ପକ୍ଷରୁ ରକ୍ତଦାନ ଶିବିର

ଦାମନଯୋଡି,୧୯।୩(ଡି.ଏନ.ଏ.)- ସ୍ଥାନୀୟ ନାଲକୋସ୍ଥିତ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଆଇଏସ୍‌ଏଫ୍) ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସିଆଇଏସ୍‌ଏଫ୍‌ର କମାଣ୍ଡାଣ୍ଟ ସତୀଶ ସିଂ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କମାଣ୍ଡାଣ୍ଟ ନରେଶ କୁମାର, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସୁନଥା ଭି, ଇନ୍ସପେକ୍ଟର ସିଏସ ଡାନି ଓ ଏମ. ସିଂ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଓଡିଶା ରକ୍ତଦାତା ମହସଂଘ କାର୍ଯ୍ୟକାରୀ ସଭାପତି ତଥା ଡା. ନରେଶ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ରକ୍ତଭଣ୍ଡାରର ରକ୍ତ ସଂଗ୍ରହକାରୀ ଭି.ଗଙ୍ଗାଧର ରବିନ୍ଦ୍ର ମିଶ୍ର ରକ୍ତ ସଂଗ୍ରହ କରିଥିଲେ । ସିଆଏସ୍‌ଏଫ୍ ଇନ୍ସପେକ୍ଟର ସୁକେନ ଜେନା, ଯୁବ ରେଡକ୍ରସ ଜିଲା ସଂଯୋଜକ ଡା. ନରେଶ ଚନ୍ଦ୍ର ସାହୁ, ସ୍ନିଗ୍ଧା ମିଶ୍ର ଓ ଡା ଚିତରଞ୍ଜନ ମିଶ୍ର ଶିବିର ପରିଚାଳନା କରିଥିଲେ।

# କୋରାପୁଟରେ ଝଡ଼ ଉଜାଡ଼ିଲା ପରିବା ଚାଷ

କୋରାପୁଟ,୧୯।୩(ସ୍ୱ.ପ୍ର.)

ତିନିଦିନ ଧରି ସମଗ୍ର ରାଜ୍ୟରେ ଅଦିନିଆ ପଶ୍ଚିମା ଝଡ଼ ବର୍ଷା ଜାରି ରହିଛି। କୋରାପୁଟ ଜିଲାରେ ମଧ୍ୟ ୩ ଦିନଧରି ଲାଗି ରହିଛି ଏହି ଅଦିନିଆ ଝଡବର୍ଷା । ଏହାକୁ ନେଇ ଜିଲାରେ ପନିପରିବା ଚାଷ କରୁଥିବା ଚାଷୀ ଚିନ୍ତାରେ ପଡିଛନ୍ତି। ବର୍ଷା ଯୋଗୁ ଚାଷୀଙ୍କ ପରିବା ନଷ୍ଟ ହେଉଛି। ଜମିରେ ପାଣି ଜମି ରହିବା ଯୋଗୁ ଧନିଆପତ୍ର, ଟମାଟୋ, ବାଇଗଣ, ବନ୍ଧା କୋବି, ଫୁଲକୋବି ଭଳି ପନିପରିବା ପଚି ଯିବାକୁ ବସିଲାଣି ବୋଲି ଚାଷୀ ଜୟନ୍ତୀ ମାଳୀ ଓ ଜଳନ୍ଧର ମାଳୀ କହିଛନ୍ତି। ପବନ ଯୋଗୁ ବିଭିନ୍ନ ସ୍ଥାନରେ ଅନେକ କଦଳୀ ଗଛ ଭାଙ୍ଗିପଡିଛି। ଜିଲାର ଲେମ୍ବିରି ମାଳିଗୁଡା ଅଞ୍ଚଳରେ ବର୍ତ୍ତମାନ ସୁଦ୍ଧା ଅଳ୍ପ ଅଳ୍ପ ବର୍ଷା ଲାଗିରହିଛି। ଏହାକୁ ନେଇ ପରିବା ଚାଷୀ ଚିନ୍ତାରେ ରହିଛନ୍ତି। ବର୍ଷା ପବନ ଯୋଗୁ ପଟ୍ଟାଙ୍ଗି ବ୍ଲକର ଚନ୍ଦକା ପଞ୍ଚାୟତର ବିଭିନ୍ନ ଗ୍ରାମରେ ଘରର ଛପର ଉଡିଯାଇ କ୍ଷତିଗ୍ରସ୍ତ ହୋଇଛି। ବ୍ଲକ ପ୍ରଶାସନ ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି କ୍ଷତିଗ୍ରସ୍ତ ପରିବାରଙ୍କୁ ୧୦ କିଲୋ ଚାଉଳ ଓ ପଲିଥିନ ଯୋଗାଇଥିବା ଜଣାପଡିଛି।



ପରିବା କ୍ଷେତରେ ଜଣେ ଚାଷୀ ତାଙ୍କ କ୍ଷତିଗ୍ରସ୍ତ ଚାଷ ଦେଖୁଛନ୍ତି ।

# ଝଡ଼ବର୍ଷାରେ କାଲିମେଲା ବ୍ଲକରେ ୩୦ରୁ ଉର୍ଦ୍ଧ୍ୱ ଘର କ୍ଷତିଗ୍ରସ୍ତ



ଝଡ଼ବର୍ଷା ବେଳେ ଘର ଉପରେ ପଡିଥିବା ଏକ ଗଛ ।

କାଲିମେଲା, ୧୯।୩ (ଡି.ଏନ.ଏ. )

ରାଜ୍ୟରେ ବିଭିନ୍ନ ସ୍ଥାନରେ ପଶ୍ଚିମା ଝଡ ଯୋଗୁ ବର୍ଷା ପବନ ଲାଗି ରହିଛି। ମାଲକାନଗିରି ଜିଲା କାଲିମେଲା ବ୍ଲକ ଅଞ୍ଚଳରେ ଏହି ଝଡବର୍ଷା ଦୁଇଦିନ ଧରି ଲାଗି ରହିଛି । ଏଥିଯୋଗୁ ବ୍ଲକ ଅନ୍ତର୍ଗତ ମାନ୍ୟମକୋଣ୍ଡା ପଞ୍ଚାୟତର ଏମ୍‌ପିଭି-୪୧ ଗ୍ରାମରେ ଲୋକଙ୍କ ଘରଦ୍ୱାର ଭାଙ୍ଗିଛି। ଅତ୍ୟଧିକ ପବନ ବୋହିବା ଯୋଗୁ ଗ୍ରାମର ଅନେକଙ୍କ ଘରର ଛପର ଉଡ଼ିଯାଇଛି। ବର୍ଷା ପାଣି ଘର ଭିତରେ ପଶି ଲୋକଙ୍କ ଜିନିଷପତ୍ର ନଷ୍ଟ ହୋଇଯାଇଛି । ଗ୍ରାମରେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଘର କ୍ଷତି ହୋଇଥିବା ଜଣାପଡିଛି। ପ୍ରଶାସନ ପକ୍ଷରୁ ରବିବାର ତହସିଲଦାର ଚାଇନୁ ଗଣ୍ଡ ଏବଂ ରାଜସ୍ୱ ଅଧିକାରୀ କ୍ଷତିଗ୍ରସ୍ତ ଗ୍ରାମକୁ ଯାଇ କ୍ଷୟକ୍ଷତି ଆକଳନ କରିଛନ୍ତି। ଏକ ତାଲିକା ପ୍ରସ୍ତୁତ କରି ସେମାନଙ୍କୁ ପଲିଥିନ ବଣ୍ଟନ କରାଯାଇଛି। ଗ୍ରାମର ପ୍ରସନଜିତ ମଣ୍ଡଳ, ସୁବଦ ବାଛାଡ, ହରିପଦ ରାୟ, ପ୍ରବିଣ ମଣ୍ଡଳ, ନାରାୟଣ ରାୟ, ତାରକ ସର୍ଦ୍ଦାର, ଗୋରଖ ବାଛାଡ, ପବିତ୍ର ମଣ୍ଡଳ, ସହଦେବ ବାଛାଡ, ମହାଦେବ ସର୍ଦ୍ଦାର, ସୁରଜିତ ମଣ୍ଡଳ, ରାମପ୍ରସାଦ ବିଶ୍ୱାସ ଅଭିଜିତ ମଣ୍ଡଳଙ୍କ ଭଳି ଅନେକ ଲୋକଙ୍କ ଘର ଓ ଆସବାବପତ୍ର ନଷ୍ଟ ହୋଇଛି । ତେବେ ଦାୟିତ୍ୱରେ ଥିବା ବିଡିଓ ବସନ୍ତ କୁମାର ବେହେରା କ୍ଷୟକ୍ଷତି ସମ୍ପର୍କରେ ତହସିଲଦାରଙ୍କ ଠାରୁ ବୁଝିଛନ୍ତି। ଏଥିସହ ବ୍ଲକ ଉପାଧ୍ୟକ୍ଷ ଲକ୍ଷ୍ମୀଧର ମାଡକାମି ଏମ୍‌ପିଭି-୪୧ ଗ୍ରାମକୁ ଯାଇ କ୍ଷୟକ୍ଷତି ଆକଳନ କରିଥିବା ଜଣାପଡିଛି।

# ଶତାଧିକ ଏକର ତରଭୁଜ ଚାଷ ନଷ୍ଟ

ମାଲକାନଗିରି,୧୯।୩ (ଡି.ଏନ୍.ଏ.)

**କାଳ ସାଜିଲା କାଳ ବୈଶାଖୀ**

ଚଳିତ ବର୍ଷ ମାଲକାନଗିରି ଜିଲାରେ ବହୁ ଚାଷୀ ତରଭୁଜ ସହ ପୋଟଳ, କାକୁଡି ଓ ଅନ୍ୟାନ୍ୟ ପନିପରିବା ଚାଷ କରିଥିଲେ। ଭଲ ଫସଲ ମଧ୍ୟ ହୋଇଥିଲା। ତରଭୁଜ ସହ ଅନ୍ୟ ପନିପରିବା ଅମଳ ହେଲେ ଏହାକୁ ବିକ୍ରି କରି ବେଶ୍ କିଛି ଅର୍ଥ ଲାଭ ପାଇବେ। ଏହା ସେମାନଙ୍କ ଫସଲ ପାଇଁ କରିଥିବା ଋଣ ଶୁଝିବାରେ ସହାୟକ ହେବ ବୋଲି ଆଶା ରଖିଥିଲେ। ମାତ୍ର ଅଦିନ କାଳବୈଶାଖୀ ଝଡ ବର୍ଷା ଯୋଗୁ ସେମାନଙ୍କ ସବୁ ଆଶା ମଉଳିଯାଇଛି। ଏବେ ଚାଷୀମାନେ ଚିନ୍ତାରେ ରହିଛନ୍ତି।

ମାଲକାନଗିରି ଜିଲାରେ ଗତ ୧୬ ତାରିଖରୁ ଆକାଶ ମେଘାଚ୍ଛନ୍ନ ରହି ଅଳ୍ପ କେତୋଟି ସ୍ଥାନରେ ଝିପି ଝିପି ବର୍ଷା ହୋଇଥିଲା। ତେବେ ଶନିବାର ରାତିରେ ପ୍ରବଳ ବର୍ଷା ହେବା ଯୋଗୁ ଜିଲାର ବିଭିନ୍ନ ବ୍ଲକ ଓ ପଞ୍ଚାୟତଗୁଡିକରେ ବହୁ କ୍ଷୟକ୍ଷତି ହୋଇଥିବା ଦେଖିବାକୁ ମିଳିଛି। ଜିଲାର ପଡିଆ, କାଲିମେଲା, ମାଲକାନଗିରି, ମାଥିଲି, ଚିତ୍ରକୋଣ୍ଡା ଆଦି ବ୍ଲକରେ ପ୍ରବଳ ବର୍ଷା ହୋଇଛି। ଚିତ୍ରକୋଣ୍ଡା ବ୍ଲକରେ କୁଆପଥର ପଡିଛି। ସେହିପରି ମାଲକାନଗିରି ସଦର ବ୍ଲକ ଏମ୍‌ଭି-୧୧ ଗ୍ରାମ ନିକଟସ୍ଥ ଦାନିଗୁଡା, ଟେକଗୁଡା ଓ କୋଇଲିପାରି ଅଞ୍ଚଳରେ ଚାଷୀଙ୍କ ଏକର ଏକର ଚାଷ ଜମିରେ ଲାଗିଥିବା ତରଭୁଜ ଫସଲ କ୍ଷତି ହୋଇଛି। ଚାଷୀ ବ୍ୟାଙ୍କରୁ ଲକ୍ଷାଧିକ ଟଙ୍କା ଋଣ ଆଣି ଜମିରେ ତରଭୁଜ ଚାଷ କରିଥିଲେ। ଅଦିନିଆ ବର୍ଷାରେ ଫସଲ ଉଜୁଡିଯିବା ପରେ ଏବେ ତରଭୁଜ ଚାଷୀ ଚିନ୍ତାରେ ପଡିଛନ୍ତି। କେବଳ ତରଭୁଜ ନୁହେଁ ଉକ୍ତ ଅଞ୍ଚଳରେ ହୋଇଥିବା ପୋଟଳ, କାକୁଡି ସହ ଅନ୍ୟାନ୍ୟ ପନିପରିବା ଚାଷ ମଧ୍ୟ ବର୍ଷା ଯୋଗୁ ନଷ୍ଟ ହୋଇଛି। ମୁଗ ଚାଷ ବି କ୍ଷତିରୁ ବାଦ ପଡିନି। ଝଡବର୍ଷା ହେତୁ ମାଲକାନଗିରି, ପଡିଆ, ମାଥିଲି ଅଞ୍ଚଳରେ ଅନେକ କଚ୍ଚା ଘର କାନ୍ଥ ଭୁଶୁଡି ପଡିଛି। ବହୁ ଲୋକଙ୍କ ଘର ଛାତ ଏବଂ ବିଦ୍ୟାଳୟ ଟିଣ ଛପର ଉଡିଯାଇଛି। ସେସବୁ ଅଞ୍ଚଳରେ ତହସିଲଦାର, ରାଜସ୍ୱ ନିରୀକ୍ଷକ ଓ କର୍ମଚାରୀ ପହଞ୍ଚି କ୍ଷୟକ୍ଷତି ଆକଳନ କରୁଛନ୍ତି। କ୍ଷୟକ୍ଷତି ଆକଳନ ପରେ ସବୁ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।



ଝଡବର୍ଷାରେ ନଷ୍ଟ ହୋଇଥିବା ତରଭୁଜ ଚାଷ।

# ଦକ୍ଷିଣ ଓଡ଼ିଶା ଆୟୁର୍ବେଦ ବିକାଶ ପରିଷଦର ବାର୍ଷିକ ସମ୍ମିଳନୀ

ଜୟପୁର, ୧୯।୩ (ନି.ପ୍ର.)

ଦକ୍ଷିଣ ଓଡିଶା ଆୟୁର୍ବେଦ ବିକାଶ ପରିଷଦର ବାର୍ଷିକ ସମ୍ମିଳନୀ ରଜାନହରସ୍ଥିତ ଏକ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଛି। ପାରମ୍ପରିକ ଆୟୁର୍ବେଦ ଚିକିତ୍ସାର ପ୍ରଚାର ପ୍ରସାର ଓ ବିକାଶ ଲାଗି ସମ୍ମିଳନୀରେ ଆଲୋଚନାଚକ୍ର ହୋଇଥିଲା। ସଂଘ ସଭାପତି ଡାକ୍ତର ସୁଦର୍ଶନ ଗୌଡ, ସମ୍ପାଦକ ପରମେଶ୍ୱର ପାତ୍ର, ଉପ ସଭାପତି କବିରାଜ କ୍ଷେତ୍ରବାସୀ ପଣ୍ଡା, ସତ୍ୟ ନାରାୟଣ ପରିଛା, ରାମ ଗୌଡ, ଭବନୀ ଚରଣ ଆଚାର୍ଯ୍ୟ, ସୂର୍ଯ୍ୟ ନାରାୟଣ ମିଶ୍ର, ଶ୍ରୀନିବାସ ପାତ୍ର, ତାରିଣି ଚରଣ ପାଢୀ, ଆନନ୍ଦ ବିଶ୍ୱାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କେତେ ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଧାରଣ ଜ୍ଞାନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜୟପୁର ସହରରେ ଏକ ଆୟୁର୍ବେଦ ଦାତବ୍ୟ ଚିକିତ୍ସାଳୟ ଓ ତାଲିମ କେନ୍ଦ୍ର ସ୍ଥାପନ ନିମନ୍ତେ ଆଲୋଚନାକ୍ରମେ ନିଷ୍ପତ୍ତି ହୋଇଥିଲା।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ପ୍ରାଥମିକ ବିଦ୍ୟାଳୟରେ ୨୧୫ ଶିକ୍ଷକ ପଦ ଖାଲି

ନନ୍ଦପୁର ୧୯।୩ (ଡିଏନଏ)

**୪ ବ୍ଲକରେ ଶିକ୍ଷକ ଅଭାବ**

ନନ୍ଦପୁର ବ୍ଲକ ସମେତ ପଟାଙ୍ଗି ନିର୍ବାଚନ ମଣ୍ଡଳୀରେ ଥିବା ୪ବ୍ଲକ ନନ୍ଦପୁର ପଟାଙ୍ଗି, ସେମିଳିଗୁଡା ଓ କୋରାପୁଟ ବ୍ଲକଗୁଡିକରେ ଥିବା ସ୍କୁଲ ଓ ଗଣଶିକ୍ଷା ବିଭାଗର ୪୭୧ ପ୍ରାଥମିକ ବିଦ୍ୟାଳୟରେ ୨୧୫ ଶିକ୍ଷକ ପଦବୀ ଖାଲି ପଡିଛି। ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ନନ୍ଦପୁର ବ୍ଲକରେ ୧୭୧ଟି ପ୍ରାଥମିକ ବିଦ୍ୟାଳୟ, ୨୧ଟି ଉଚ୍ଚ ବିଦ୍ୟାଳୟ ଓ ଗୋଟିଏ ଓଏଭି ବିଦ୍ୟାଳୟ ରହିଛି। ଏଥିପାଇଁ ୪୯୮ ଶିକ୍ଷୟିତ୍ରୀ ଶିକ୍ଷକ ଅଛନ୍ତି। କେବଳ ପ୍ରାଥମିକ ବିଦ୍ୟାଳୟ ପାଇଁ ୧୩ଜଣ ଶିକ୍ଷକଙ୍କ ଅଭାବ ଥିବା ବେଳେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ନୂତନ ଉନ୍ନୀତ ଉଚ୍ଚ ବିଦ୍ୟାଳୟଗୁଡ଼ିକରେ ପ୍ରତ୍ୟେକ ବିଷୟ ପାଇଁ ଶିକ୍ଷକ ନ ଥିବା ବ୍ଲକ ଶିକ୍ଷାଧିକାରୀ ଦଇତାରୀ ଦାସ ସୂଚନା ଦେଇଛନ୍ତି। ସେମିଳିଗୁଡା ବ୍ଲକର ୧୧୬ଟି ପ୍ରାଥମିକ ବିଦ୍ୟାଳୟ ପାଇଁ ୩୮୭ଶିକ୍ଷକଙ୍କ ଆବଶ୍ୟକତା ଥିବା ବେଳେ ୩୫୦ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଛନ୍ତି । ୩୭ ଶିକ୍ଷକଙ୍କ ଅଭାବ ରହିଛି। ପଟାଙ୍ଗି ବ୍ଲକର ୧୬୪ଟି ପ୍ରାଥମିକ ବିଦ୍ୟାଳୟ ପାଇଁ ୫୭୧ ଶିକ୍ଷକ ଆବଶ୍ୟକ ଥିବା ବେଳେ ୪୨୦ ଶିକ୍ଷୟିତ୍ରୀ ଶିକ୍ଷକ ଥିବା ବେଳେ ୧୫୧ ଜଣ ଶିକ୍ଷକ ପଦବୀ ଖାଲିପଡିଛି। ସେହିଭଳି କୋରାପୁଟ ବ୍ଲକର (ଆଂଶିକ) ୨୦ଟି ପ୍ରାଥମିକ ବିଦ୍ୟାଳୟ ପଟାଙ୍ଗି ନିର୍ବାଚନ ମଣ୍ଡଳୀରେ ରହିଛି। ଏହି ବିଦ୍ୟାଳୟଗୁଡିକ ଲାଗି ୯୭ ଶିକ୍ଷୟିତ୍ରୀ ଶିକ୍ଷକ ଆବଶ୍ୟକ ଥିବା ବେଳେ ୮୩ଜଣ ଶିକ୍ଷୟତ୍ରୀ ଶିକ୍ଷକ ଅଛନ୍ତି। ୧୪ ଜଣ ଶିକ୍ଷକଙ୍କ ଅଭାବ ରହିଥିବା ଜିଲା ଶିକ୍ଷାଧିକାରୀ ଦାସ ସୂଚନା ଦେଇଛନ୍ତି।

# ଓଡ଼ିଶା ସରକାରଙ୍କ ନିର୍ମାଣ କାର୍ଯ୍ୟରେ କାମ କରୁଛନ୍ତି ଆନ୍ଧ୍ର ଶ୍ରମିକ

ପଟ୍ଟାଙ୍ଗି, ୧୯।୩(ଡି.ଏନ୍.ଏ.)

**ଅଞ୍ଚଳବାସୀଙ୍କୁ କାମ ମିଳୁ ନ ଥିବା ଗ୍ରାମବାସୀଙ୍କ ଅଭିଯୋଗ**

ସୀମାନ୍ତ ଗ୍ରାମଗୁଡିକରେ ପଡୋଶୀ ଆନ୍ଧ୍ର ପ୍ରଦେଶ ଅନୁପ୍ରବେଶ କରି ନିଜର ଉପସ୍ଥିତ ଜାହିର କରୁଥିବା ବେଳେ ଓଡିଶା ସରକାର ସୀମାନ୍ତ ଗ୍ରାମଗୁଡିକରେ କିପରି ଉନ୍ନୟନମୂଳକ କାର୍ଯ୍ୟ ହୋଇପାରିବ ତାହାର ଯୋଜନା ପ୍ରସ୍ତୁତ କରି କୋଟି କୋଟି ଟଙ୍କା ଅର୍ଥ ବ୍ୟୟ କରୁଛନ୍ତି। କିନ୍ତୁ ଉକ୍ତ ଉନ୍ନୟନ କାର୍ଯ୍ୟରେ ସ୍ଥାନୀୟ ଲୋକଙ୍କୁ କାମ ମିଳୁନି। ପଡୋଶୀ ଆନ୍ଧ୍ର ରାଜ୍ୟର ଶ୍ରମିକଙ୍କୁ ଓଡ଼ିଶାର ଉନ୍ନୟନ ମୂଳକ କାର୍ଯ୍ୟରେ ନିୟୋଜିତ କରାଯାଉଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ଏହା ହେଉଛି କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ କୋଟିଆ ପଞ୍ଚାୟତ ଆନ୍ଧ୍ର ସୀମାନ୍ତ ତାଡିବାଲାସା ଗ୍ରାମର ଦୃଶ୍ୟ।

ସୂଚନା ଅନୁଯାୟୀ ତାଡିବାଲସାରେ ଓଡିଶା ରାଜ୍ୟ ସରକାରଙ୍କ ପକ୍ଷରୁ ରହିଥିବା ବିଦ୍ୟାଳୟର ପାଚେରୀ ନିର୍ମାଣ କାର୍ଯ୍ୟ ବ୍ଲକ ପ୍ରଶାସନ ପକ୍ଷରୁ କରାଯାଉଛି। କିନ୍ତୁ ଉକ୍ତ କାର୍ଯ୍ୟରେ ସ୍ଥାନୀୟ ଲୋକଙ୍କୁ କାମ ମିଳୁ ନ ଥିବାବେଳେ ପଡୋଶୀ ଆନ୍ଧ୍ରର ଶ୍ରମିକଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଉଛି। ସୀମାନ୍ତ ଗ୍ରାମବାସୀଙ୍କୁ ଅଣଦେଖା କରିବା ସହ ବେରୋଜଗାର କରିବା କେତେଦୂର ଯୁକ୍ତିଯୁକ୍ତ ବୋଲି **ନେରେଡିବାଲସା** ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଘଟଣା ସମ୍ପର୍କରେ ବ୍ଲକ ପ୍ରଶାସନକୁ ଅବଗତ ଥିଲେ ମଧ୍ୟ ଚୁପ୍ ରହୁଛନ୍ତି। ଏଥିସହ ନିର୍ମାଣ କାର୍ଯ୍ୟରେ କେଉଁ ଶ୍ରମିକ କେଉଁଠାରେ କାର୍ଯ୍ୟ କରିବ ଏହା ଠିକାଦାରଙ୍କ ଦାୟିତ୍ୱ ବୋଲି ବ୍ଲକ ପକ୍ଷରୁ କୁହାଯାଇଛି। ସୀମାନ୍ତ ଗ୍ରାମର ଲୋକଙ୍କୁ ରୋଜଗାରକ୍ଷମ କରିବା ପାଇଁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ନିୟୋଜିତ କରାଯାଉଛି ଦର୍ଶାଇ ବ୍ଲକ ପ୍ରଶାସନ ଜିଲା ଏବଂ ରାଜ୍ୟ ସରକାରଙ୍କ ପାଖରେ ବାହା ବାହା ନେଉଛନ୍ତି। ପଡୋଶୀ ଆନ୍ଧ୍ର ସରକାର ସୀମାନ୍ତ ଗ୍ରାମରେ ମାଳମାଳ ଯୋଜନା କରି ଗ୍ରାମବାସୀଙ୍କୁ ହାତେଇବା ପାଇଁ ଚେଷ୍ଟା କରୁଥିବାବେଳେ ଓଡିଶା ସରକାରଙ୍କ ପକ୍ଷରୁ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟରେ ଅଞ୍ଚଳବାସୀଙ୍କୁ କାମ ନ ମିଳିବା କେତେଦୂର ଠିକ୍ ବୋଲି ବିରୋଧୀ ରାଜନୈତିକ ଦଳଗୁଡିକ ପ୍ରଶ୍ନ କରିଛନ୍ତି। ବ୍ଲକ ପ୍ରଶାସନ ସୀମାନ୍ତ ଗ୍ରାମ ଗୁଡିକରେ ଉନ୍ନୟନମୂଳକ କାର୍ଯ୍ୟ ନାଁରେ ଠିକାଦାରଙ୍କ ସହ ହାତ ମିଳାଇ ରାଜ୍ୟ ସରକାରଙ୍କ ପ୍ରକଳ୍ପର ଅର୍ଥକୁ ହରିଲୁଟ୍ କରୁଥିବା ବେଳେ ଜିଲା ପ୍ରଶାସନ ସବୁ ଜାଣି ଅଜଣା ରହିବା ସାଧାଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ତାଡିବାଲାସା ଗ୍ରାମର ଗ୍ରାମବାସୀ ସମାଲୁ ଖରା କହିଛନ୍ତି, ବ୍ଲକ ପ୍ରଶାସନ ପକ୍ଷରୁ ହେଉଥିବା ବିଭିନ୍ନ କାର୍ଯ୍ୟରେ ଆମେ ଗ୍ରାମବାସୀ କାମ ପାଉନୁ। ଏନେଇ ପ୍ରଶାସନକୁ ଜଣାଇଲେ ମଧ୍ୟ କିଛି ସୁଫଳ ମିଳୁନି ବୋଲି ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ନେରେଡିବାଲାସା ଗ୍ରାମର ବିମାନା ମାଣିକ କହନ୍ତି, ସବୁବେଳେ ଏମିତି ହେଉଛି। ଉନ୍ନୟନ କାର୍ଯ୍ୟ କରୁଥିବା ଠିକାଦାର ଆନ୍ଧ୍ରରୁ ଲୋକ ଆଣି ଏଠାରେ କାମ କରୁଛନ୍ତି। ଆମେ ଗ୍ରାମବାସୀ ହାତବାନ୍ଧି ବସିଛୁ। କେବେ କେମିତି ସେ ସୀମାନ୍ତ ଆନ୍ଧ୍ରର କିଛି ଗ୍ରାମକୁ ଯାଇ କାମ କରିଥାନ୍ତି ବୋଲି ମାଣିକ ପ୍ରକାଶ କରିଛନ୍ତି।

